# ତହସିଲଦାର, ସଦର,ସମ୍ବଲପୁରଙ୍କ ଅଦାଲତ

*ଜମି ହସ୍ତାନ୍ତର (Alienation) ମୋକଦ୍ଦମା ନଂ: ୯୧/୨୦୨୨*

## ସର୍ବସାଧାରଣ ଇସ୍ତାହାର

ପି. ଆର. ୭୬ ତାରିଖ: ୧୦.୦୪.୨୦୨୩

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର ୪, ସମ୍ବଲପୁର ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ଆଇନ ବିଭାଗ, ଓଡିଶା ସରକାର ଙ୍କୁ ଅଦାଲତ କୋଠା ସମ୍ପ୍ରସାରଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ନିମ୍ନ ସାକ୍ଷାରକାରୀଙ୍କ ଅଦାଲତରେ ବିଚାରାଧିନ ରହିଛି । ଉପରୋକ୍ତ ପ୍ରସ୍ତାବିତ ରକବା ହସ୍ତାନ୍ତର ରେ ଯଦି କୋଣସି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆ ରେ ଲିଖିତ ଆକାର ରେ ଆପତ୍ତି ଦରଖାସ୍ତ ଟ.୨୦.୦୦ କୋର୍ଟ ଫିଜ ଦେଇ ନିମ୍ନ ସାକ୍ଷାରକାରୀଙ୍କ ଅଦାଲତରେ ଆପତ୍ତି କଲେ ନିୟମାନୁଯାୟୀ ବିଚାରକୁ ନିଆଯିବ । ନିର୍ଦ୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

## ଜମି ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ |
|---|---|---|---|---|
| ସମ୍ବଲପୁର ଟାଉନ ୟୁନିଟ ନମ୍ବର ୪, ସମ୍ବଲପୁର | ୨୨୯ (ଅନାବାଦୀ) | ୧୨୯୯/୨୦୫୦ | ୦.୦୩୦ | ପତିତ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୦୩୦ | |

ତହସିଲଦାର,
ସଦର, ସମ୍ବଲପୁର
Tahasildar
Sadar, Sambalpur

*ଜ୍ଞାପକ ସଂଖ୍ୟା* ୭୭ *ତା* ୧୦.୦୪.୨୦୨୩

ଏହାର ଏକକିତା ନକଲ ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର/ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,
ସଦର, ସମ୍ବଲପୁର
Tahasildar
Sadar, Sambalpur

*ଜ୍ଞାପକ ସଂଖ୍ୟା* ୭୮ *ତା* ୧୦.୦୪.୨୦୨୩

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO NIC , Sambalpur ) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର,
ସଦର, ସମ୍ବଲପୁର
Tahasildar
Sadar, Sambalpur